


ଭୁବନେଶ୍ୱର, ୨୦୨୫, ଜୁନ ୩୦

# ଆକାଶ ପଥରେ ମୃତ୍ୟୁ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗଲା ଗୁରୁବାର ଦିନ ଅହମଦାବାଦ ବିମାନ ବନ୍ଦର ନିକଟରେ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନ୍ ବିମାନ ଦୁର୍ଘଟଣା କେବଳ ସମଗ୍ର ଦେଶ ପାଇଁ ଏକ ଆଘାତ ନୁହେଁ, ଏହାର ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଇପାରିବ । ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ବର୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା ୨୭୪କୁ ବୃଦ୍ଧି ପାଇଥିବାବେଳେ ମୃତକଙ୍କ ମଧ୍ୟରେ ୨୨୯ଜଣ ଯାତ୍ରୀ, ଦୁଇ ପାଇଲଟ, ୧୦ବିମାନ କର୍ମଚାରୀ, ୧୦ଡାକ୍ତରୀ ଛାତ୍ର ଏବଂ ଅନ୍ୟ ସାଧାରଣ ନାଗରିକ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱରେ ଯାତ୍ରୀ ପରିବହନ କ୍ଷେତ୍ରରେ ଭାରତ ଏବେ ତୃତୀୟ ବୃହତମ ବେସାମରିକ ବିମାନ ଚଳାଚଳ ବଜାର ଭାବେ ଉଭା ହୋଇଥିବା ବେଳେ ମାଲ ପରିବହନ କ୍ଷେତ୍ରରେ ମଧ୍ୟ ବିଶ୍ୱରେ ଷଷ୍ଠ ବୃହତମ କ୍ଷେତ୍ରର ମର୍ଯ୍ୟଦା ହାସଲ କରିଛି । କେବଳ ଏତିକି ନୁହେଁ, ଏହା ମଧ୍ୟ ଭାରତୀୟ ଅର୍ଥନୀତିର ସବୁଠାରୁ ଦ୍ରୁତ ଅଭିବୃଦ୍ଧିକାରୀ କ୍ଷେତ୍ରଗୁଡିକ ମଧ୍ୟରେ ଅନ୍ୟତମ । ସେହିପରି ଗତ କିଛି ବର୍ଷ ମଧ୍ୟରେ 'ଉଡାନ' ଯୋଜନାରେ ଦେଶ ମଧ୍ୟରେ ବିମାନ ଚଳାଚଳ ସେବାକୁ ସଂଯୋଗ କରାଯାଇଥିବାବେଳେ ନୂତନ ବିମାନ ବନ୍ଦର ପ୍ରତିଷ୍ଠା ଓ ବିମାନ ବନ୍ଦରଗୁଡିକର ସଂପ୍ରସାରଣ ଦିଗରେ ଭାରତ ଅଗ୍ରସର ହେଉଛି । ଦିନକୁ ଦିନ ମଧ୍ୟ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ,୨୦୧୯ରେ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୧୩୭.୬ ମିଲିୟନ ଥିବାବେଳେ ୨୦୨୪ରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୨୮ମିଲିଅନକୁ ବୃଦ୍ଧି ପାଇଛି । ସେହିପରି ଦେଶରେ ୨୦୧୯ରୁ ୨୦୨୪ ମଧ୍ୟରେ ୬୪୬ ରୁ ୮୨୩ କୁ ବୃଦ୍ଧି ପାଇଛି । ଦେଶର କେତେକ ବଡ ବଡ କଥା ଆଂର୍ଜାତିକ ବିମାନ ବନ୍ଦରରୁ କେତେକ ଦେଶକୁ ସିଧାସଳଖ ବିମାନ ଉଡାଣ ସଂଯୋଗ ହୋଇଛି । କହିବା ବାହୁଲ୍ୟ ଯେ, ଦେଶରେ ମଧ୍ୟବିତ, ଆୟକାରୀ ଏବଂ ପ୍ରଫେସନାଲ ବିମାନ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ନିସନ୍ଦେହ ଯେ, ସଡକ ଓ ରେଳ ପରିବହନ ପରେ ବିମାନ ପରିବହନ ଏବେ ଦେଶରେ ତୃତୀୟ ବୃହତମ ଯାତ୍ରୀ ପରିବହନ କ୍ଷେତ୍ରର ମର୍ଯ୍ୟାଦା ହାସଲ କରିଛି । ଦେଶରେ ଦିନକୁ ଦିନ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ଅହମଦାବାଦରେ ଭୟଙ୍କର ଦୁର୍ଘଟଣା ଭାରତର ବେସାମରିକ ବିମାନ ଚଳାଚଳ ଇତିହାସରେ କେବଳ ସବୁଠାରୁ ବଡ ଛାତିଥରା ବିପର୍ଯ୍ୟାୟ ନୁହେଁ, ଚଳିତ ଶତାବ୍ଦୀରେ ସବୁଠାରୁ ବଡ ଘାତକ ଦୁର୍ଘଟଣା ହୋଇଛି । ୧୯୯୬ ମସିହାରେ ହରିଆନା ଚାରଖିଦାଦ୍ରୀରେ ମଧ୍ୟ ଆକାଶରେ ଦୁଇଟି ବିମାନ ମଧ୍ୟରେ ଧକ୍କା, ଯେଉଁଥିରେ ୩୪୯ଜଣଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଏହା ହେଉଛି ଦେଶର ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା । ଏହା ନିସନ୍ଦେହ ଯେ, ଦେଶରେ ବିମାନ ଦୁର୍ଘଟଣା ନୂଆ ନୁହେଁ, କିନ୍ତୁ ବିରଳ ଶେଷଥର ପାଇଁ ୨୦୨୦ ଅଗଷ୍ଟରେ ଭାରତୀୟ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଅହମଦାବାଦରେ ଦୁର୍ଘଟଣାଗସ୍ତ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନଟି ୧୧ବର୍ଷର ପୁରୁଣା । ବିମାନଟି ଦୁଇଟି ଇଂଜିନି ବିଶିଷ୍ଟ । ତେବେ ପ୍ରଶ୍ନ ଉଠୁଛି ଦୁଇଟିଯାକ ଇଂଜିନ ଏକ ସମୟରେ ଅଚଳ ହେଲା କିପରି ? ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୭୮୭ ଡ୍ରିମଲାଇନର ସ୍ୱତନ୍ତ୍ର ରେକର୍ଡର ଅଧିକାରୀ । ଏହି ଡ୍ରିମଲାଇନ୍ର ବିମାନ ସେବା ଆରମ୍ଭର ୧୪ବର୍ଷ ମଧ୍ୟରେ ଏହା ପ୍ରଥମ ଦୁର୍ଘଟଣା ବୋଲି କୁହାଯାଏ । ଗଲା ୧୪ବର୍ଷ ମଧ୍ୟରେ ୭୮୭ ଡ୍ରିମଲାଇନ୍ର ୧୧୭୫ଟି ବିମାନ ଦୈନିକ ୨୧୦୦ଥର ଉଡାଣ କରିଥିବାବେଳେ ପ୍ରତ୍ୟହ ୧ବିଲିଅନ ଯାତ୍ରୀ ଉଡାଣ କରିଥାନ୍ତି । କେବେ କୌଣସି ଡ୍ରିମଲାଇନ୍ର ଦୁର୍ଘଟଣା ଗ୍ରସ୍ତ ହୋଇନଥିଲା । କିନ୍ତୁ ଏହା ସତ୍ୟ ଯେ, ଡ୍ରିମଲାଇନ୍ର ବିମାନରୁ ତୈଳ ଲିକ୍, ଲିଥିୟମ ବ୍ୟାଟେରୀରୁ ଧୂଆଁ ନିର୍ଗତ ଏବଂ କମ୍ପ୍ୟୁଟର ହ୍ୟାକ ନେଇ ଗୁଜବର ସମ୍ମୁଖୀନ ହୋଇଆସୁଥିଲା । ତେବେ ଅହମଦାବାଦ ବିମାନ ବନ୍ଦରରୁ ବିମାନଟି ଉଡାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗସ୍ତ ହେବା ନିଶ୍ଚିତ ଭାବେ ଚିନ୍ତାଜନକ । ଏହା ବିମାନରେ ଯାନ୍ତ୍ରିକ ତ୍ରୁଟି ନା ମଣିଷକୃତ ତ୍ରୁଟି ନା ଅନ୍ୟ କିଛି, ସେ ନେଇ ନିରପେକ୍ଷ ଭାବେ ବିସ୍ତୃତ ତଦନ୍ତ ହେବା ଆବଶ୍ୟକ । ଅବଶ୍ୟ ବିମାନ ବିଶାରଦମାନେ ଏ ନେଇ ତଦନ୍ତ ଜାରି ରଖିଥିବାବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛି । ତେବେ ଆଂର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନକୁ ୩୦ଦିନ ମଧ୍ୟରେ ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ ବାଧ୍ୟତାମୂଳକ ରହିଛି । ଏହି ପ୍ରାଥମିକ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବାର ଆବଶ୍ୟକତା ରହିଛି । ଏହା ନିସନ୍ଦେହ ଯେ, ଯାତ୍ରୀଙ୍କ ବିନା ବିମାନ ଚଳାଚଳ ଅସମ୍ଭବ । ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢିବା ସହ ବିମାନ ଯାତ୍ରୀ ଉପରେ ଲୋକଙ୍କ ଆଶା ଭରସା, ଆସ୍ଥା ବଢିବାରେ ଲାଗିଛି । ଯେଉଁଭଳି ବିମାନଯାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି, ଆସନ୍ତା ବର୍ଷ ସୁଦ୍ଧା ଭାରତୀୟ ବିମାନ ସେବା ବିଶ୍ୱରେ ବିମାନ ଚଳାଚଳ ବଜାରରେ ସବୁଠାର ଦୃତ ଅଭିବୃଦ୍ଧିକାରୀ ସଂସ୍ଥାରେ ପରିଣତ ହେବା ନେଇ ଆଶା କରାଯାଉଛି । ଏପରି ସ୍ଥଳେ ଯାତ୍ରୀ ସୁରକ୍ଷା ସବୁଠୁ ଆଗରେ । ଭାରତୀୟ ଏୟାର ଲାଇନସ୍ରେ ସୁରକ୍ଷାମାନକୁ ସୁନିଶ୍ଚିତ କରିବା ପାଇଁ ପୁଂଜି ନିବେଶ ସହ ଯାଂଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସକ୍ରିୟ କରାଯିବା ଜରୁରୀ । ଏହା ନିଶ୍ଚିତ ଅହମଦାବାଦ ବିମାନ ଦୁର୍ଘଟଣା ଦେଶର ବିମାନ ସେବା ଉପରେ କଳା ବାଦଲ ଢାଙ୍କି ଦେଇଛି । ଏହି କଳାବାଦଲକୁ ହଟାଇବା ପାଇ ଦୁର୍ଘଟଣାର କାରଣ ଖୋଜି ଦୋଷୀକୁ ଦାୟୀ କରାଯିବା ସହ ଦଣ୍ଡବିଧାନ ଏବଂ ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ସରକାର ନେଉଥିବା ଯୋଜନା ଗରିବ ଶ୍ରେଣୀର ଜନସାଧାରଣଙ୍କ ପାଖକୁ ସଠିକ ମାର୍ଗ ଦେଇ ପହଂଚୁ


ପ୍ରମୋଦ କିଶୋର ପରିଡ଼ା

ଯସ୍ୱଶି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଙ୍କ ଲୋକ ଆଭିମୁଖ୍ୟ ଯୋଜନା ଜନମାନସ ରେ ବହୂଳ ମାତ୍ରା ରେ ଆଦୃତ ହେଲାଣି ।କରାଯାଉଥିବା ଯୋଜନାକୁ କାର୍ଯ୍ୟ ରେ ପ୍ରଣିତ କରି ସଠିକ ମାର୍ଗ ଦେଇ ପହଂଚି ବାକୁ ବୃଦ୍ଧିଜିବୀ ମହଲରେ ଆଲୋଚ଼ିର ବିଷୟ ହେଲଣି । ଅନେକ ଯୋଜନା ମଧ୍ୟରୁ ଅଭିଯୋଗ ଶୁଣାଣି ଅନ୍ୟତମ । ସରକାର ପଂଚାୟତ ସ୍ତରରେ ଅଭିଯୋଗ ଶୁଣାଣି କରିବାପାଇଁ ଯାଉଥିବା ପଦକ୍ଷେପକୁ ସଠିକ ମାର୍ଗ ଦେଇ ନେବା ଅତ୍ୟନ୍ତ ଜରୁରୀ ଅଟେ । ସରକାର ଯଦି ନିର୍ବାଚ଼ିତ ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ଏହି ଶୁଣାଣି କରନ୍ତି ସୁଫଳ ମିଳିବନାହିଁ । କାରଣ ନିର୍ବାଚ଼ନରେ ଜିତି ଥିବା ସରପଂଚ, ଓ୍ୱାଡ ମେମ୍ବର ପ୍ରାୟତଃ ଅଧିକାଂଶ ପୂର୍ବ ସରକାର ସହଯୋଗୀ । ଯେଉଁ ମାନେ ନୂତନ ସରକାର ଗଠନ ରେ ମୁଖ୍ୟ ଭୂମିକା ନିଭାଇଥିଲେ ବର୍ତମାନ ଉପେକ୍ଷିତ । କିଛିଦିନ ତଳେ ଘୋଷଣା କରାଯାଇଥିବା ରାସନ୍, ଡାଲି, ଚ଼ିନି, ଲୁଣ ନିତ୍ୟାଆବଶ୍ୟକ ଖାଦ୍ୟ ଯୋଗାଣ ସବସିଡ୍ ମାଧ୍ୟମରେ ଦିଆଯିବାକୁ କୁହାଯାଇଛି । ଯାହା ଗରିବ ଜନସାଧାରଣଙ୍କୁ ସିଧାସଳଖ ପହଂଚିବାର ରହିଛି । କିନ୍ତୁ ନଜସ୍ୱାର୍ଥଗୋଷ୍ଠି ତାହା କରିବାକୁ ଦେବେ ନାହିଁ । ଆଶା ଓ ଗ୍ରାମସେବକ ମାଧ୍ୟମରେ କାର୍ଯ୍ୟ କରାଯାଆନ୍ତା ସେମାନେ ତାଙ୍କ ଅଧୀନରେ ଥିବା ଏରିଆ ସାମୁହିକ ସମସ୍ତ ଘରକୁ ପ୍ରତ୍ୟକ୍ଷ ଭାବରେ ଜାଣିଥାନ୍ତି । ସେହିଁ ସଠିକ ମାର୍ଗ ଦେଇ ନେଇପାରିବେ । ସେମାନଙ୍କୁ କିଛି ପାରିଶ୍ରମିକ ବୃଦ୍ଧି କରି ସୁଚ଼ାରୁରୂପେ ଚ଼ଳାଇବା ସହଯୋଗ କଲେ ନିତ୍ୟାନ୍ତ ଭଲ ହୁଅନ୍ତା । ବର୍ତମାନ ମୋବାଇଲ ଯୁଗ ଲୋକମାନଙ୍କୁ ନୂତନ ବୈଶାୟିକ ବ୍ୟବହୃତ କରି ଘରେ ଘରେ ପହଂଚିଲୋକେଶ ନେଇ କାମ କରିଲେ ଦୂର୍ନିତି ମୁକ୍ତି କାର୍ଯ୍ୟ ହୋଇପାରିବ । କେନ୍ଦ୍ର ସରକାରଙ୍କର ଦ୍ୱାରା କରାଯାଇଥିବା ସମସ୍ତ ଯୋଜନାକୁ ଏକ କିତା ନକଲ ଯାହା ଫାର୍ମ ମଧାମରେ କ'ଣ ପାଇଛନ୍ତି/କ'ଣ ପାଇନାହାଁନ୍ତି, ଠିକ୍ ଚ଼ିହ୍ନଟ ଓ ଭୁଲ୍ ଚ଼ିହ୍ନଟ କରିଥିବେ ସେହି ଫାର୍ମକୁ ଅପଲୋଡ଼ କରି ସରକାରଙ୍କ ପାଖକୁ ପଠାଇବାର ଉପଯୁକ୍ତ ମାଧ୍ୟମ ଗ୍ରହଣ କରିବ ? । ତାହା ଦ୍ୱାରା ଯୋଜନା ସୁଫଳ ରୂପାୟନ ହୋଇପାରିବ । ତାଙ୍କର ମୋବାଇଲ ଜରିଆରେ ଫିଡବ୍ୟାକ ନିଆଯାଇ ଠିକ୍ ହିତାଧିକାରୀ ଚ଼ୟନ କରାଯାଇପାରିବ । ଏହାକରିବା ଦ୍ୱାରା ଦିଗହରା ନହୋଇ ଗ୍ରାମାଂଚଳରେ ରହୁଥିବା ନିରିହ ଜନସାଧାରଣ ବିଭିନ୍ନ ଯୋଜନାର ସୁବିଧା ପାଇପାରିବେ । ଓଡ଼ିଶା କୃଷିଭିତିକ ରାଜ୍ୟ ହୋଇଥିବାରୁ ଲୋକମାନେ କୃଷି କାର୍ଯରେ ନିୟୋଜିତ ହୋଇଥାନ୍ତି ତେଣୁ ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ଦିପହର କିମ୍ବା ସଂଧ୍ୟା ସମୟରେ ତଥ୍ୟ ସଂଗ୍ରହ କରାଯାଇପାରିବ । ଗୋଟିଏ ପଂଚାୟତରେ ହାରାହାରି ତିନି ହଜାର ରୁ ଚ଼ାରି ହଜାର ଭୋଟର ରହିବା ସହିତ ହାରାହାରି ପାଂଚଶହ ପରିବାର ବସବାସ କରିଥାନ୍ତି । ଆଶା ମାନଙ୍କୁ ଶିଶୁ ଓ ମହିଳା ମାନଙ୍କର ଗର୍ଭଧାରଣ ପ୍ରସ୍ତୁତି ଠାରୁ, ସଚେତନ ପୋଷଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିବାକୁ ପଡ଼ିଥାଏ । ତାପରେ ମଧ୍ୟ ଏହି କାମରେ ନିୟୋଜନ କଲେ ସାମର୍ଥ୍ୟ ହୋଇପାରିବେ । ଗ୍ରାମ ସ୍ତରୀୟ କର୍ମୀ (VLW), ଯାହାକୁ କେତେକ ସମୟରେ ପଂଚାୟତ ସଚ଼ିବ ମଧ୍ୟ କୁହାଯାଏ, ସେ ଗ୍ରାମ ପଂଚାୟତ (ଗ୍ରାମ ପରିଷଦ) ଗଠନ ମଧ୍ୟରେ କାର୍ଯ୍ୟ କରନ୍ତି ଏବଂ ବିଭିନ୍ନ ପ୍ରଶାସନିକ ଏବଂ ବିକାଶ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଦାୟୀ । ସେମାନଙ୍କର ଭୂମିକା ହେଉଛି ସରକାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା, ତୃଣମୂଳ ସ୍ତରରେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା । ତେଣୁ ସେମାନଙ୍କୁ ଏହି ସବୁକୁ ରୁପାୟନ କରିପାରିବା ସହଜ ସାଧକ କାର୍ଯ୍ୟକ୍ରମ ଅଟେ । ଏମାନଙ୍କୁ ଏଥିରେ ବ୍ୟବହାର କରାଯାଇପାରିବ । ଜଣେ VLW ରପ୍ରଶାସନିକ କର୍ତବ୍ୟ ଗ୍ରାମପଂାୟତ ସହିତ ଜଡିତ ପତ୍ରବିନିମୟ ପରିଚ଼ାଳନା କରିବା ।ଗ୍ରାମପଂାୟତର ଆର୍ଥିକ କାରବାର ଯେଉଁଥିରେ ପାଣ୍ଠି ସଂଗ୍ରହ ଏବଂ ବଂଟନ କରିବା ଅନ୍ତର୍ଭୁକ୍ତ । ଗ୍ରାମ ସ୍ତରରେ ବିଭିନ୍ନ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକୁ ସହଜ କରିବା ।କୃଷି ବିକାଶକୁ ଏବଂ ଚାଷୀମାନଙ୍କୁ ମାର୍ଗଦର୍ଶନ ଗ୍ରାମରେ ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ବିକାଶ ପାଇଁ କାର୍ଯ୍ୟ କରିବା । ସାମାଜିକ ନ୍ୟାୟ ଏବଂ ସମାଜର ସଶକ୍ତିକରଣ ସୁନିଶ୍ଚିତ କରିବା ବ୍ଲକ୍ ସ୍ତରୀୟ ପ୍ରଶାସନ ଏବଂ ଗ୍ରାମପଂଚାୟତଙ୍କ ମଧ୍ୟରେ ଏକ ସଂଯୋଗ ଭାବରେ କାର୍ଯ୍ୟ କରିବା । ଆବଶ୍ୟକତା ଏବଂ ଚ଼ିନ୍ତାକୁ ଉଚ୍ଚ କର୍ତୃପକ୍ଷଙ୍କ ନିକଟରେ ପହଂାଇବା ଓ ସରକାରୀ ନୀତି ଏବଂ କାର୍ଯ୍ୟକ୍ରମ ବିଷୟରେ ସୂଚ଼ନା ପ୍ରଦାନ ଋଣ, ଅନୁଦାନ ଏବଂ ସବସିଡିର ସଠିକ୍ ବ୍ୟବହାର ସୁନିଶ୍ଚିତ,ଗ୍ରାମପଂଚାୟତର ସାମଗ୍ରିକ ବିକାଶ ହାସଲ କରିବା ପାଇଁ ଅନ୍ୟାନ୍ୟ ଗ୍ରାମସ୍ତରୀୟ କର୍ମକର୍ତାଙ୍କ ସହ କାର୍ଯ୍ୟ କରିବା । କିନ୍ତୁ ଏହା ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ସରକାର ଏହାଙ୍କୁ ଧାନ ଦେଇ ବିହିତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ବୁଦ୍ଧିଜୀବୀ ମାନଙ୍କର ସରକାର ଙ୍କୁ ଅନୁରୋଧ । ବିଜେପି କେନ୍ଦ୍ରରେ ୧୧ ବର୍ଷ ଓଡ଼ିଶା ରାଜ୍ୟରେ ୧ ବର୍ଷ ପୂର୍ତି ଉପଲକ୍ଷେ କୃଷି ଉପରେ ପର୍ଯ୍ୟାଲୋଚ଼ନା କରାଯାଉଥିବାରୁ ଏଭଳି ଯୋଜନା ମାନ ହାତକୁ ନିଆ ଗଲେ ବିକାଶ ହେବା ସହିତ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ନିଶ୍ଚିତ ଭାବେ ସଫଳତା ଲାଭ କରିବ ।

ସମ୍ପାଦକ, ସମର କ୍ରାନ୍ତି ସେନା
ଓଡ଼ିଶା

# ମୋ ଅନୁଭୂତିରେ ଜୁଡ଼ା ଧର୍ମ


ଅନୀତା ପଟ୍ଟନାୟକ

ବସରେ ଓ ଟ୍ରେନରେ ଯାତ୍ରାକଲେ ଅନେକ ସୁଖଦ ଅନୁଭୂତି ହୋଇଥାଏ । ହେଲେ ଥରେ ମୋର ପୁଅ ବିଦେଶ ଯାତ୍ରା ପାଇଁ ଉଡାଜାହାଜରେ ଯିବା ପାଇଁ ଟିକେଟ କରିଥିଲା । ଉଡାଜାହାଜଟି ଉପରକୁ ଉଠି ଯିବା ପରେ ଆକାଶରେ ସ୍ଥିର ହୋଇ ଉଡିବାକୁ ଲାଗିଲା । ମୋ ପାଖରେ ଧଳା ପୋଷାକ ପରହିତ ଜଣେ ବ୍ୟକ୍ତି ବସିଥିଲେ । ତାଙ୍କର ପୋଷାକରେ ଗୋଟିଏ ଷ୍ଟାର୍ରେ ସାତଟି ମହମବତୀ ଜଳୁଥିବା ପରି ଚିତ୍ର ଥିଲା । ମୁଁ ଦେଖିଲି ତାଙ୍କର ପକେଟରେ ଗୋଟିଏ ତ୍ରିଭୁଜ ଓ ତ୍ରିଭୁଜର ଉପରେ ଗୋଟିଏ ଓଲଟା ତ୍ରିଭୁଜ ଅଙ୍କା ହେବାପରି ଚିହ୍ନଟିଏ ଥିଲା । ଯାହାକି ଏକ ତାରା ପରି ଦେଖାଯାଉଥିଲା ।

ମୁଁ ତାଙ୍କୁ ପଚାରିଲି ତୁମେ କେଉଁ ଧର୍ମର । ସେ କହିଲେ ମୁଁ ଜୁଡ଼ା ସଂପ୍ରଦାୟର । ମୋର ଜୁଡ଼ା ଧର୍ମ ବିଷୟରେ କିଛି ଜ୍ଞାନ ନଥିଲା । ମୁଁ ତାଙ୍କୁ ପଚାରିଲି, ଜୁଡ଼ା ଗୋଟିଏ କି ଧର୍ମ । ସେ ମତେ ବୁଝାଇ କହିଲେ, ଖ୍ରୀଷ୍ଟ ଧର୍ମ ଓ ଇସଲାମ ଧର୍ମ ସେମିଟିକ ଧର୍ମ ସମୂହ ଅନ୍ତର୍ଗତ । ମୁଁ ପଚାରିଲି ସେମିଟିକ ଅର୍ଥ କ'ଣ ? ସେ କହିଲେ 'ଯେଉଁ ଧର୍ମମାନେ ବିଶ୍ୱାସ କରନ୍ତି ଯେ ଭଗବାନଙ୍କର ନିୟମାବଳୀ, ଭଗବାନଙ୍କ ପ୍ରେରିତ ଦୂତ ଦ୍ୱାରା ଆସିଥାଏ । ମୁଁ କହିଲି ଯେପରି ଭଗବାନଙ୍କ ଦୂତ ମହମ୍ମଦଙ୍କ ଦ୍ୱାରା ଇସଲାମ ଧର୍ମ ସୃଷ୍ଟି ହୋଇଛି ? ସେ କହିଲେ ହଁ । ମୁଁ ପଚାରିଲି ଜୁଡ଼ା ଧର୍ମର ଦେବଦୂତ କିଏ ? ସେ କହିଲେ ସେମ୍ ଯେକି ନୋହଙ୍କ ପୁତ୍ର ।'

ମୁଁ କହିଲି ଆମ ଭାରତୀୟମାନଙ୍କର ଧର୍ମଗ୍ରନ୍ଥ ଗୀତା । ତୁମ ମାନଙ୍କର ଧର୍ମ ଗ୍ରନ୍ଥ କ'ଣ ? ସେ କହିଲେ ଆମର ଧର୍ମଗ୍ରନ୍ଥ ହେଉଛି ବାଇବେଲ । ଭଦ୍ରବ୍ୟକ୍ତି ଜଣକ କହିଲେ ବାଇବେଲ ଦୁଇ ଭାଗରେ ବିଭକ୍ତ । ଯଥା ଓଲଡ଼ ଟେଷ୍ଟାମେଣ୍ଟ ଓ ନିଉ ଟେଷ୍ଟାମେଣ୍ଟ । ସେ ଉତ୍ସାହିତ ହୋଇ କହିଲେ ବାଇବେଲର ପ୍ରଥମ ଭାଗ ହେଉଛି ଓଲଡ଼ ଟେଷ୍ଟାମେଣ୍ଟ ସେଥିରେ ଜୀୟୁ ମାନଙ୍କର ଗଳ୍ପ ରହିଅଛି । ସେଥିରେ ଆବ୍ରାହମ ତାଙ୍କର ପୁତ୍ର ଇସାକ୍ ଓ ଅନ୍ୟାନ ମାନଙ୍କ ବିଷୟରେ ଲେଖା ଯାଇଅଛି ।

ସେ କହିଲେ ଇଜିପ୍ଟର ରାଜା ଫେରୋଜ ଜୀୟୁ ମାନଙ୍କୁ ବନ୍ଦୀ କରି ରଖି ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ । ଥରେ ମୋଜେସ ସିନାଇ ପର୍ବର ଏକ ବୁଦାମୂଳକୁ ଯାଇଥିଲେ, ଯାହାକି ସବୁବେଳେ ଜଳୁଥିଲା । ସେଠାରେ ମୋଜେସ ଭଗବାନଙ୍କ ଶବ୍ଦ ଶୁଣିଥିଲେ । ଭଗବାନ ତାଙ୍କୁ କହିଥିଲେ ତୁମେ ଜୀୟୁ ମାନଙ୍କର ଅଗ୍ରଦୂତ ହୁଅ । ସେମାନଙ୍କୁ ବନ୍ଧନରୁ ମୁକ୍ତକର । ମୋଜେସ୍ ଭଗବାନଙ୍କୁ ପଚାରିଲେ ତୁମ ନାଁ କ'ଣ ? ଭଗବାନ କହିଥିଲେ 'ମୁଁ ହେଉଛି ସେ' । ବହୁତ କଷ୍ଟରେ ଜୀୟୁମାନେ ଇଜିପ୍ଟରୁ ମୁକ୍ତ ହୋଇଥିଲେ । ମୁକ୍ତ ହେବାର ମାସେ ପରେ ସେ ସିନାଇ ପର୍ବତକୁ ଯାଇଥିଲେ । ମୋଜେସ ଯେଉଁଠାରେ ଭଗବାନଙ୍କ ଶବ୍ଦ ଶୁଣିଥିଲେ ସେଠାକୁ ଗଲେ । ଭଗବାନ ତାଙ୍କୁ ଦୁଇ ଖଣ୍ଡ ପଥର ଦେଇଥିଲେ । ଯେଉଁଠାରେ ୧୦ଟି ନିୟମାବଳୀ ଖୋଦିତ ହୋଇଥିଲା । ମୋଜେସ ଜୀୟୁ ମାନଙ୍କୁ ଇସ୍ରାଏଲ ନେଇ ଆସିଲେ ଓ ସେଠାରେ ମୋଜେସ ଶେଷ ନିଶ୍ୱାସ ତ୍ୟାଗ କଲେ । ଏହାପରେ ଜୋସୁଆ ସେମାନଙ୍କୁ ପଥ ଦେଖାଇଲେ । ମୋର ଉତ୍ସାହ ବଢ଼ିଗଲା ମୁଁ ପଚାରିଲି ଜୁଡ଼ା ଧର୍ମର ଦୁଇଟି ନିୟମାବଳୀ କ'ଣ ? ସେ କହିଲେ – ୧. ମୁଁ ତୁମର ଭଗବାନ । ତୁମକୁ ଇଜିପ୍ଟର ଜମିର ବନ୍ଧନରୁ ମୁକ୍ତ କରିଛି । ୨. ତୁମେ ଅନ୍ୟ କୌଣସି ଠାକୁରଙ୍କୁ ପୂଜା କରିବ ନାହିଁ । ୩. ଭଗବାନଙ୍କୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ତୁମେ ଦୟା ଚକ୍ଷୁରେ ଦେଖିବ ଓ ଭଗବାନଙ୍କ ନିୟମାବଳୀକୁ ମାନିବ । ୪. ବୃଥାରେ ଭଗବାନଙ୍କ ନାମ ନେବ ନାହିଁ । ୫. ଛଅ ଦିନ କଠିନ ପରିଶ୍ରମ କର, ସପ୍ତମ ଦିନ ହେଉଛି 'ସାବାତ୍' । ଭଗବାନ, ମନୁଷ୍ୟ ଓ ପଶୁ ବିଶ୍ରାମ ନିଅନ୍ତି । ୬. ନିଜର ବାପା ମାଆଙ୍କୁ ସମ୍ମାନ ଦିଅ । ୭. କାହାକୁ ହତ୍ୟା କରନାହିଁ । ୮. କାହାକୁ ଠକ ନାହିଁ । ୯. ଚୋରି କର ନାହିଁ । ୧୦.ତୁମେ ପଡ଼ୋଶୀର ମିଛ ସାକ୍ଷୀ ହୁଅ ନାହିଁ କିମ୍ବା ତାର ଧନ ହଡ଼ପ କରନାହିଁ ।

ମୁଁ ତାକୁ ପଚାରିଲେ ତୁମ ଧର୍ମରେ ଭଗବାନ କେତେ ଜଣ ? ସେ କହିଲେ ଜଣେ । ସେ କହିଲେ ତୋହା ନାମକ ବହି ଜୀଉ ମାନଙ୍କ ଆଇନ ଶୃଙ୍ଖଳା ବିଷୟରେ ଲେଖାଯାଇଛି । ସେ ବହିଟି ଏବେ ତାଲମୁଦ ନମରେ ନାମିତ ହୋଇଛି । ମୁଁ ପଚାରିଲି ଜୀଉ ମାନଙ୍କର ଭାଷା କ'ଣ ? ସେ କହିଥିଲେ ହିବ୍ରୁ । ମୁଁ ପଚାରିଲି ଆମର ଯେପରି ମନ୍ଦିର ଅଛି ତୁମର କ'ଣ ଅଛି । ସେ କହିଥିଲେ 'ସାଇନାପଗ୍' ଓ ଧର୍ମ ପ୍ରଚାରକଙ୍କୁ କୁହାଯାବ ରବି । ସେ ଉଡ଼ାଜାହାଜରେ ମତେ ଗୋଟିଏ ସାତ ମହମବତୀ ଥିବା ଚିହ୍ନ ଫଟୋଟିଏ ଦେଇଥିଲେ । ମୁଁ ତାଙ୍କୁ ଜଗନ୍ନାଥଙ୍କ ଫଟୋଟିଏ ଦେଇଥିଲି ।

*ଅବସରପ୍ରାପ୍ତ ପ୍ରଧାପିକା,*
*ସିଡିଏ, କଟକ*

# ବିସ୍ଫୋରକ ପରିସ୍ଥିତିରେ ଦେଶର ଶରଣାର୍ଥୀ ସମସ୍ୟା


ନିମାଇଁ ଚରଣ ଦାସ

ଶରଣାର୍ଥୀ ପ୍ରସଙ୍ଗରେ ଭାରତ ସର୍ବଦା ଉଦାର ମନୋଭାବ ପୋଷଣ କରିଆସୁଛି । କିନ୍ତୁ ଏହି ଉଦାର ମାନସିକତା ଲାଗି ଭାରତରେ ଶରଣାର୍ଥୀ ସମସ୍ୟା ଭୟଙ୍କର (ବିସ୍ଫୋରକ) ପରିସ୍ଥିତି ସୃଷ୍ଟି କରିବାକୁ ବସିଲାଣି । ବର୍ତମାନ ଏହା ଏକ ଚିନ୍ତାର ବିଷୟ ପାଲଟି ଗଲାଣି । କିଛିଦିନ ତଳେ ମାନ୍ୟବର ସୁପ୍ରିମକୋର୍ଟ ଶରଣାର୍ଥୀ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଦେଖାଇ କହିଛନ୍ତି ଯେ 'ଭାରତ ଏକ ଧର୍ମଶାଳା ନୁହେଁ । ଯିଏ ଆସିବ ସିଏ ଆସି ଏଠାରେ ରହିଯିବ । ସାରା ଦୁନିଆରୁ ଆସୁଥିବା ଲୋକଙ୍କୁ ଆମେ ଶରଣ ଦେବାକୁ ଠିକା ନେଇନାହୁଁ । ଭାରତ ଏମିତି ଲୋକଙ୍କ ଶରଣ ଦେଉଛି କାହିଁକି ? ଶ୍ରୀଲଙ୍କାରୁ ଆସିଥିବା ତାମିଲ୍ ଶରଣାର୍ଥୀଙ୍କ ଆବେଦନକୁ ବିଚାର କରି ସୁପ୍ରିମକୋର୍ଟ ଏକଥା ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟ ଆହୁରି ଗୁରୁତ୍ୱାରୋପ କରି କହିଛନ୍ତି ଯେ ବର୍ତମାନ ଭାରତର ଲୋକସଂଖ୍ୟା ୧୪୦ କୋଟିରୁ ଟପିଲାଣି । ଦେଶ ଉପରେ ଏତେ ଲୋକଙ୍କ ବୋଝ ରହିଛି, ଏଣୁ ଅନେକ ସମସ୍ୟା ବି ରହିଛି । ତେଣୁ ସବୁ ସ୍ଥାନରୁ ଆସୁଥିବା ଶରଣାର୍ଥୀଙ୍କୁ ଶରଣ ଦେବା ସମ୍ଭବ ନୁହେଁ । ସୁପ୍ରିମକୋର୍ଟର ବିଚାରପତି ଦିପାଙ୍କର ଦତା ଏବଂ ବିଚାରପତି ବିନୋଦ ଚନ୍ଦନଙ୍କ ପୀଠ ଶ୍ରୀଲଙ୍କା ଶରଣାର୍ଥୀଙ୍କୁ ଜେଲକୁ ପଠାଯିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେଇଥିଲେ । ଶରଣାର୍ଥୀଙ୍କୁ ଶରଣ ପ୍ରଦାନ ସମ୍ପର୍କରେ ମାମଲା ଦାଏର୍ କରିଥିବା ଆବେଦନକାରୀ ଓ ଅନ୍ୟ ଦୁଇଜଣଙ୍କୁ ୨୦୨୫ରେ ଶ୍ରୀଲଙ୍କା ଦ୍ୱାରା ପ୍ରତିବନ୍ଧିତ ସଂଗଠନ ଲିଟେ ସହ ଜଡ଼ିତ ଥିବା ଅଭିଯୋଗରେ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ଶରଣାର୍ଥୀଙ୍କୁ ଭାରତରେ ସେମାନଙ୍କୁ ଶରଣ ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା । ଆବେଦନକାରୀ ଓକିଲ କୋର୍ଟରେ ଦର୍ଶାଇଥିଲେ ଯେ, ଆବେଦନକାରୀ ଓ ଅନ୍ୟ ଦୁଇଜଣ ହେଉଛନ୍ତି ଶ୍ରୀଲଙ୍କାର ନାଗରିକ । ସେମାନେ ଭିସାରେ ଭାରତ ଆସିଥିଲେ । ଶ୍ରୀଲଙ୍କାରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି । ସେମାନଙ୍କ ବିରୋଧରେ ନିର୍ବାସନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ଓ ପାଖାପାଖି ୩ ବର୍ଷ ଧରି ସେମାନଙ୍କୁ ନଜରବନ୍ଦି ଅବସ୍ଥାରେ ରଖାଯାଇଛି । ସଂପୃକ୍ତ ଓକିଲଙ୍କ ଏହି ଯୁକ୍ତି ଶୁଣିବା ପରେ ବିଚାରପତି ଦତା ପ୍ରଶ୍ନ କରିଥିଲେ ଯେ ଭାରତରେ ରହିବା ପାଇଁ ଏମାନଙ୍କର କ'ଣ ଅଧିକାର ରହିଛି । ଆବେଦନକାରୀ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ଏମାନେ ଶରଣାର୍ଥୀ ଅଟନ୍ତି । ଏକଥା ଶୁଣି ବିଚାରପତି ଦତା କହିଥିଲେ ଭାରତରେ ଦୁନିଆର ଯେ କୌଣସି ଦେଶରୁ ଶରଣାର୍ଥୀ ଆସି ବସବାସ କରିପାରିବେ ନାହିଁ । ଏହା ପୂର୍ବରୁ ଅନ୍ୟ ଏକ ପ୍ରସଙ୍ଗରେ ପ୍ରଧାନବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼୍ ଏଭଳି ଏକ ମାମଲାର ଶୁଣାଣିବେଳେ କହିଥିଲେ ଯେ, ଶରଣାର୍ଥୀମାନେ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରନ୍ତି ବା କରୁଛନ୍ତି ମଧ୍ୟ । ଭାରତର ସୀମିତ ସଂସାଧନକୁ ଦୃଷ୍ଟିରେ ରଖି ଶରଣାର୍ଥୀ ପ୍ରସଙ୍ଗ ଉପରେ ଅଧିକ ତର୍ଜମା କରାଯିବା ଆବଶ୍ୟକ । ଏହା ପୂର୍ବରୁ ଭାରତ ଅନେକ ଦେଶର ଶରଣାର୍ଥୀଙ୍କୁ ଶରଣ ଦେଇଛି କିନ୍ତୁ ଏହା ଏବେ ସମ୍ଭବ ନୁହେଁ । ବର୍ତମାନ ଭାରତକୁ ଶ୍ରୀଲଙ୍କା, ତିବ୍ବତ୍, ମ୍ୟାମାର, ଆଫଗାନିସ୍ଥାନ, ପାଲେଷ୍ଟାଇନ୍ ଓ ସୋମାଲିଆରୁ ଶରଣାର୍ଥୀ ଆସୁଛନ୍ତି । ଶରଣାର୍ଥୀ ସଙ୍କଟକୁ ମାନବୀୟ ମାନସିକତା, ରାଷ୍ଟ୍ରୀୟ ସୁରକ୍ଷା ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟକରି ଏହାର ସମାଧାନ କରାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ ଯେତେବେଳେ କୌଣସି ଦେଶର ନାଗରିକଙ୍କୁ ତାଙ୍କ ଦେଶରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ବାଧ ହୋଇ ତାଙ୍କୁ ଅନ୍ୟ ଦେଶରେ ଶରଣ ନେବାକୁ ପଡ଼ିଥାଏ । ଶରଣାର୍ଥୀ ସେଇମାନଙ୍କୁ କୁହାଯାଇପାରେ ଯେଉଁମାନେ ଜାତି, ଧର୍ମ, ରାଷ୍ଟ୍ରୀୟତା, କୌଣସି ବିଶେଷ ସାମାଜିକ ବା ରାଜନୈତିକ ଗୋଷ୍ଠୀର ସଂଘର୍ଷ ଏବଂ ସାର୍ବଜନିକ ବ୍ୟବସ୍ଥାକୁ ଗୁରୁତ୍ୱ ଭାବେ ବାଧିତ କଲାଭଳି ଘଟଣା କାରଣରୁ ନିର୍ଯାତିତ ହୋଇ ଅନ୍ତର୍ଜାତୀୟ ସୀମା ପାରକରି ଅନ୍ୟ ଦେଶକୁ ପଳାଇ ଆସିଥାନ୍ତି । ଏହି ଶରଣାର୍ଥୀ ସମସ୍ୟା ବିଗତ ଏକ ଶତାବ୍ଦୀ ହେବ ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ବିଭିନ୍ନ ପ୍ରାକୃତିକ ଏବଂ ମାନବୀୟ ଆପଦା ଯଥା – ଭୂମିକମ୍ପ, ସୁନାମି, ମରୁଡ଼ି, ଦାରିଦ୍ର୍ୟତା, ଗୃହଯୁଦ୍ଧ, ଆତଙ୍କବାଦ ଭଳି ପରିସ୍ଥିତିରେ ବିସ୍ଥାପନ ବଢୁଛି । ଦାରିଦ୍ର୍ୟ, ଗୃହଯୁଦ୍ଧ ଏବଂ ଆଭ୍ୟନ୍ତରୀଣ ସଂଘର୍ଷ କାରଣରୁ ଲେବାନନ, ସିରିଆ ଏବଂ ଲିବ୍ୟାରୁ ବହୁ ସଂଖ୍ୟାରେ ଲୋକମାନେ ୟୁରୋପୀୟ ଦେଶମାନଙ୍କୁ ପଳାୟନ କରୁଛନ୍ତି । ଆଫଗାନିସ୍ଥାନରେ ଶାସନ ପରିବର୍ତନ କାରଣରୁ ବିସ୍ଥାପିତଙ୍କ ସଂଖ୍ୟା ବଢୁଛି । ଭାରତ ସବୁବେଳେ ପଡ଼ୋଶୀ ଦେଶ, ପାକିସ୍ଥାନ, ନେପାଳ, ତିବ୍ବତ୍, ମ୍ୟାମାର ଓ ବାଂଲାଦେଶରୁ ଭାରତକୁ ଆସୁଥିବା ରୋହିଙ୍ଗିଆ ଶରଣାର୍ଥୀଙ୍କ ପାଇଁ ସମସ୍ୟାରେ ପଡୁଛି । ବର୍ତମାନ ରୋହିଙ୍ଗିଆ ମୁସଲମାନ ଓ ବାଂଲାଦେଶୀ ଶରଣାର୍ଥୀମାନେ ଭାରତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛନ୍ତି । ଯଥା ଚୋରୀ, ଲୁଟ୍ପାଟ୍, ହତ୍ୟା, ରାହାଜାନି, ରେପ୍, ମର୍ଡର, ଆତଙ୍କବାଦ ଭଳି ଘଟଣା ଘଟାଉଛନ୍ତି । ଭାରତରେ ଆଶ୍ରୟ ନେଇ ଆମ ଦେଶର ହିନ୍ଦୁମାନଙ୍କୁ ହତ୍ୟା କରୁଛନ୍ତି । ବିଶେଷ କରି ବାଂଲାଦେଶୀ ରୋହିଙ୍ଗିଆ ମୁସଲମାନ ଦେଶର ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରି ଭାରତର ଆଧାର କାର୍ଡ଼, ଭୋଟର କାର୍ଡ଼ ହାତେଇ ଭାରତର ନାଗରିକଙ୍କ ଭଳି ସବୁ ସୁବିଧା ଉପଭୋଗ କରୁଛନ୍ତି । ଏହା ସହିତ ରୋହିଙ୍ଗିଆ ମୁସଲମାନମାନେ ଭାରତର ଝିଅ ଓ ବୋହୂ ମାନଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି । ଯାହା ଫଳରେ ହିନ୍ଦୁମାନେ ନିଜର ଘରଦ୍ୱାରା ଛାଡ଼ି ଅନ୍ୟ ରାଜ୍ୟକୁ ପଳାୟନ କରିବାକୁ ବାଧ ହେଉଛନ୍ତି । ଆମ ଦେଶରେ ରହି ଆମ ତଡ଼ିବାକୁ ବସିଲେଣି । ଜାତିସଂଘ ୨୦୨୩-୨୪ ରିପୋର୍ଟ ଅନୁଯାୟୀ ୧୧.୭ କୋଟି ଲୋକ ବିସ୍ଥାପିତ ହୋଇଥିଲେ । ବିଶ୍ୱର ପ୍ରତି ୬୯ ଜଣରେ ଜଣେ ବ୍ୟକ୍ତିଙ୍କୁ ବିସ୍ଥାପିତ ହେବାକୁ ପଡୁଛି । ଭାରତକୁ ପାକିସ୍ଥାନ ଓ ବାଂଲାଦେଶରୁ ଅଧିକାର ମୁସଲିମ୍ ଶରଣାର୍ଥୀ ଆସୁଛନ୍ତି । କାରଣ ଭାରତ ହେଉଛି ବିଶ୍ୱର ଆନ୍ତର୍ଜାତୀୟ ପ୍ରବାସୀଙ୍କ ପାଇଁ ଏକ ବଡ଼ ଠିକଣା । ୨୦୧୫ ସୁଦ୍ଧା ୫୩ଲକ୍ଷ ବିଦେଶୀ ଭାରତରେ ରହୁଥିଲେ । ଏମାନଙ୍କ ମଧ୍ୟରୁ ୩୨ଲକ୍ଷ ବାଂଲାଦେଶର ଓ ୧୧ଲକ୍ଷ ପାକିସ୍ଥାନର । ବର୍ତମାନ ଏହି ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଯାଇଛି । ପାକିସ୍ଥାନର ପ୍ରାୟ ୫୦ଲକ୍ଷ ଓ ବାଂଲାଦେଶର ପ୍ରାୟ ୧କୋଟି ଲୋକ ଭାରତରେ ରହୁଥିବା ଆକଳନ କରାଯାଉଛି । ଏଣୁ ଭାରତ ସରକାରଙ୍କୁ ଧ୍ୟାନ ରଖିବାକୁ ପଡ଼ିବ ଯେମିତି ଦେଶର ନାଗରିକଙ୍କ ଅଧିକାର ପ୍ରଭାବିତ ନହୁଏ । କେନ୍ଦ୍ର ସରକାର ଶରଣାର୍ଥୀଙ୍କ ପ୍ରତି ଉଦାର ମନୋଭାବ ପରିବର୍ତେ ତାର୍କିକ ଏବଂ କଠୋର ମନୋଭାବ ଆପଣେଇବା ଆବ୍ୟକ । ଅନ୍ୟଥା ଦେଶରେ ଶରଣାର୍ଥୀଙ୍କ ସମସ୍ୟା ଭୟଙ୍କର ରୂପ ନେଇପାରେ ।

*ବରିଷ୍ଠ ସାମ୍ବାଦିକ*




## ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି,(ପି.ଏନ): ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା,ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ମ୍ବାଗୁଡା ଗ୍ରାମ ପଂଚାୟତ ସମେତ ଅଡଭା, ଆଳିଗଣ୍ଡା ଓ ଡ଼ାମଡୁଆ ପଂଚାୟତର ସମୁଦାୟ ମୋଟ- ୧୨୨ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୨ଗୋଟି,ଗ୍ରାମ ଭିତିକ ସମସ୍ୟା-୯୦ ଗୋଟି ଅଭିଯୋଗ ଆସିଥିଲା ଓ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ମୋହନା ପଂଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ରାଜୀବ ଶବର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାଜୀବ ଦାସ,ତହସିଲଦାର ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଂଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ ।

## 'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍ଏସ୍ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଢ଼ିଲେ କଳାକାର ବଢ଼ିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।

## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂ*ଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/ ୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୪୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ୍ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ



# ଖରିଫ୍ ଧାନ କିଣାରେ ସ୍ୱଚ୍ଛତା କୁ ଦିଆଯିବ ଗୁରୁତ୍ୱ : ମହେଶ୍ୱର ସାହୁ

କେନ୍ଦୁଝର, ବିଜେପି କୃଷକ ମୋର୍ଚ୍ଚା ତରଫରୁ ଆଜି କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ରହି ଗଣମାଧ୍ୟମ କୁ ସୂଚନା ଦେଇ କହିଛନ୍ତି ଆସନ୍ତା ନଭେମ୍ବର ୨୦ ତାରିଖ ଠାରୁ ଓଡ଼ିଶାରେ ଖରିଫ୍ ଧାନ କିଣାର ଶୁଭାରମ୍ଭ ହେବାକୁ ଥିବା ବେଳେ ଏହି ଧାନ କିଣାରେ ବ୍ୟାପକ ସ୍ୱଚ୍ଛତା ର ସହିତ କରାଯିବା ସହିତ ମିଲ ମାଲିକ ମାନଙ୍କର ଦାଦାଗିରି କୁ ବନ୍ଦ କରାଯିବ । ତାସହିତ ଧାନ କିଣା କାରବାରରେ ଯଦି କୌଣସି ଅଧିକାରୀ, କର୍ମଚାରୀ ଅସାଧୁ ଉପାୟ ଅବଲମ୍ବନ କରନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ତାଙ୍କର ବକ୍ତବ୍ୟ ରେ କହିଥିଲେ । ଓଡ଼ିଶା ର ଚାଷୀ ମାନଙ୍କୁ ସମୃଦ୍ଧ କରିବା ସହିତ ଚାଷୀ ମାନଙ୍କ ର ଆୟ କୁ ଦୁଇ ଗୁଣା କରିବା ପାଇଁ ମୋହନ ଚରଣ ମାଝିଙ୍କ ସରକାର ୪ ମାସ କାଯ୍ୟକାଳ ଅବଧି ମଧ୍ୟରେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା, ୬ ଲକ୍ଷ ଚାଷୀ ମାନଙ୍କୁ ପି.ଏମ. କିସାନ ରେ ସାମିଲ କରିବା, ସି.ଏମ. କିସାନ ଯୋଜନା



ରେ ୪୬ ଲକ୍ଷ ଚାଷୀ ଙ୍କୁ ସାମିଲ କରିବା, ୫୮ ଟି ସବ୍ଡିଭିଜନ ରେ ଶୀତଳଭଣ୍ଡାର କରିବା, ଚାଷୀ ପରିବାର ପିଲା ମାନଙ୍କୁ ଉଚ୍ଚଶିକ୍ଷା ପାଇଁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା , ୩୧୪ ବ୍ଲକ ରେ ପନିପରିବା ମଣ୍ଡି କରିବା ନିଷ୍ପତି ଐତିହାସିକ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀଧର ସାହୁ, ରାଧାକାନ୍ତ ମହାନ୍ତ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଏମ୍‌ପିସି ସ୍ୱୟଂଶାସିତ କଲେଜରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ

## ଶୃଙ୍ଖଳା ଓ ନିରନ୍ତର ପ୍ରସ୍ତୁତି ହିଁ ଚାପ ମୁକ୍ତିର ମନ୍ତ୍ର: ସ୍ୱାମୀ ଚିଦ୍ରୁପାନନ୍ଦ

ବାରିପଦା : ସମ୍ପ୍ରତି ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାପ ଓ ଭୟ ରହିବା ଏକ ସ୍ୱାଭାବିକ ପ୍ରସଙ୍ଗ ପଲଟିଛି । ପରୀକ୍ଷା ସମୟରେ କିପରି ଚାପ ମୁକ୍ତ ରହିହେବ ସେ ସମ୍ପର୍କରେ ସ୍ଥାନୀୟ ଏମ୍ ପି ସି ସ୍ୱୟଂଶାସିତ କଲେଜର ସମ୍ମିଳନୀ କକ୍ଷରେ ଚିନ୍ମୟ ମିସନ୍ ନୋଏଡା କେନ୍ଦ୍ରର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୁପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ କିପରି ଚିନ୍ତା ଓ ଚାପରୁ ମୁକ୍ତ ହୋଇ ପରୀକ୍ଷାକୁ ସାମ୍ନା କରିବେ, ସେ ସମ୍ପର୍କରେ ନାନାଦି ସହଜ ପନ୍ଥା ଓ କୌଶଳ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ସ୍ୱାମୀଜୀ ବିଷଦ ବ୍ୟାଖ୍ୟା କରିଥିଲେ । ବିଦ୍ୟାର୍ଥୀ ଜୀବନରେ ସଫଳ ହେବାକୁ ହେଲେ ପାଞ୍ଚଟି ସୁବର୍ଣ୍ଣ ନିୟମ ଅନୁସରଣ କରିବାକୁ ପରାମର୍ଶଦେଇଥିଲେ । କାର୍ଯ୍ୟକ୍ରମର




ପ୍ରାରମ୍ଭରେ କଲେଜର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚିନ୍ମୟ ମିସନ୍ ବାରିପଦା କେନ୍ଦ୍ରର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଲାଠିକଟା କେନ୍ଦ୍ରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଉଦଳା କେନ୍ଦ୍ରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୀରଭଦ୍ର ସିଂ, ଚିନ୍ମୟ ମିସନ୍ ବାରିପଦା କେନ୍ଦ୍ରର ସମ୍ପାଦକ ଅଜିତ କୁମାର ବେହେରା ଓ ଚିନ୍ମୟ ଯୁବ କେନ୍ଦ୍ରର ସଭାପତି ସବ୍ୟସାଚୀ ପଲେଇ ଯୋଗ ଦେଇଥିଲେ । ବକ୍ତୃତା ଶେଷରେ ପୂର୍ବତନ ରାଜ୍ୟ ସଭା ସାଂସଦ ବୀରଭଦ୍ର ସିଂ ସ୍ୱାମୀଜୀଙ୍କ ବକ୍ତୃତା ଦ୍ୱାରା ଛାତ୍ରଛାତ୍ରୀ ମାନେ ଅନୁପ୍ରାଣିତ ହେଲେ ସେମାନଙ୍କ ଜୀବନ ଶୃଙ୍ଖଳିତ ଓ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ କଲେଜର ପ୍ରସାଶନିକ ମୁଖ୍ୟ ଡ ଦୀପକ ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଡ. ସିଦ୍ଧେଶ୍ୱର ପଣ୍ଡା, ଡ. ଦୟାନିଧି ପରିଡ଼ା, ଡ. ପ୍ରିୟବ୍ରତ ବେହେରା ଡ. ଅନାମ ରାଉଳ, ଡ. ପ୍ରଭାକର ଦୁଆରୀ, ଡ. ନରେନ୍ଦ୍ର ବେହେରା ସମେତ ଅନ୍ୟାନ୍ୟ ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଦିନ କୁ ଦିନ ବଢ଼ି ଚାଲିଛି ଭାଲୁ ଆତଙ୍କ ୩ଦିନରେ ୪ ଜଣ ଗୁରୁତର

ମୟୂରଭଞ୍ଜ : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳ ରେ ଦିନକୁ ଦିନ ଭାଲୁଆକ୍ରମଣ ର ଶିକାର ହେଉଛନ୍ତି ଗ୍ରାମବାସୀ, ବନବିଭାଗ ଜାଣିବା ପରେ ମଧ୍ୟ ପଦକ୍ଷେପ ନନେବା ଦ୍ୱାରା ଭୟଭୀତ ଅବସ୍ଥାରେ ଗ୍ରାମବାସୀ,ତିନି ଦିନରେ ୪ଜଣ ଆକ୍ରମଣର ଶିକାର,ଗତକାଲି ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ଅଞ୍ଚଳରେ ୩ ଜଣଙ୍କୁ ଭାଲୁ କାମୁଡି ଗୁରୁତର ଆହତ କରିଥିବା ବେଳେ, ପୁଣି ଭାଲୁ କାମୁଡ଼ାରେ ଜଣେ ଆହତ, ଅପରାହ୍ନ ରେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ର ପୁରୁଣା ପାଣି ବୁରୁଡି ସାହି ର କାରନା ମାରାଣ୍ଡି( ୫୫) ନିଜ ଚାଷ ଜମିରେ ଧାନ୍‌ବିଡା ବାନ୍ଧୁ ଥିବା ବେଳେ ଗୋଟିଏ ଭାଲୁ ଜଙ୍ଗରୁ ଦୌଡି ଆସି ଡାହାଣ ଗୋଡ ରେ କାମୁଡିବା ସହ ଛାତିକୁ ରାମ୍ପି ଦେଇଥିଲା । ପାଖ ଜମିରେ ରାଇପଦା ଗ୍ରାମ ର ରମାକାନ୍ତ ଦେହୁରୀ ଧାନବିଡା ବାନ୍ଧୁ ଥିବା



ବେଳେ କାରନା କୁ ଭାଲୁ ଆକ୍ରମଣ ଦେଖି ପାଟି କରିବାରୁ ଭାଲୁ କାରନା କୁ ଛାଡି ରମାକାନ୍ତ କୁ ଆକ୍ରମଣ କରି ତାର ମଧ୍ଯ ଡାହାଣ ଗୋଡରେ କାମୁଡି ଉଭୟଙ୍କୁ ଗୁରୁତର କରି ଜଙ୍ଗଲକୁ ଦୌଡି ପଳାଇଲା । ପରିବାର ଲୋକ ଠାକୁରମୁଣ୍ଡା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତିକରିଥିବା ବେଳେ ଆଜି ସେହିପରି ଠାକୁରମୁଣ୍ଡା ନିକଟ ବର୍ଡି ବାଇଗୁଣ୍ଡି ଗ୍ରାମ ର କାଣ୍ଡରାମ ବଦ୍ରା ଦିନ ୯ ଘଟିକା ସମୟରେ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ହଠାତ୍ ତିନୋଟି ଭାଲୁ ଜଙ୍ଗଲ ରୁ ବାହାରି କାଣ୍ଡରାମ କୁ ଆକ୍ରମଣ କରିଥିଲେ । ନିଜ ଜୀବନ ବଞ୍ଚାଇବାକୁ ଭାଲୁ ସହ ଧସ୍ତାଧସ୍ତି ହୋଇଥିଲା କାଣ୍ଡରାମ ବଦ୍ରା । ଭାଲୁ କାଣ୍ଡରାମ କୁ (ମହାତ୍ମ)ଙ୍କ ଜଙ୍ଗ ଗୋଡ଼ ଡାହାଣ ଜଙ୍ଗ ଏବଂ ହାତକୁ କାମୁଡ଼ି ଜଙ୍ଗଲ କୁ ଚାଲିଯାଇଥିଲା । ଅଳ୍ପ ଦୂରରେ ଥିବା ସ୍ତ୍ରୀ ଚାନ୍ଦ ମଣି ମୁଣ୍ଡା ଏବଂ ପିଉସୀ ଜେମା କାରୁଆ ଭଉଣୀ ରିତା କାରୁଆ କାଣ୍ଡ ରାମ କୁ ଏକ ଅଟ ସାହାଯ୍ୟରେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ କୁ ଆଣିଥିଲେ,ଆଜି ପୁଣି ଭୋର ରୁ ଶୌଚ ହେବା ପାଇଁ ଠାକୁରମୁଣ୍ଡା ନିକଟ ଭାରାଣ୍ଡିଆ ଗ୍ରାମର ନୀଳାମ୍ବର ଟଙ୍କନିଆ(୬୫) ଙ୍କୁ ଭାଲୁ ପଛପଟୁ ଆକ୍ରମଣ କରିଥିଲା, ଘର ଲୋକେ ଟେମ୍ପ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ ରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି ସମସ୍ତ ଙ୍କ ର ଚିକିତ୍ସା ଚାଲିଛି,ବନବିଭାଗ ହସ୍ପିଟାଲ ରେ ପହଂଚି ବୁଝାସୁଝା କରୁଛନ୍ତି ।

# ଉଦ୍ୟାନକୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଠାରେ ଟ୍ରିପି ଟ୍ରିପି ପଚା ଆଳୁ ବିହନ ପାଇଁ ଚାଷୀ ହନ୍ତସନ୍ତ

କେନ୍ଦୁଝର : କେନ୍ଦୁଝର ସଦର ମହକୁମା ଠାରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରେ ଦେଖିବାକୁ ମିଳିଲା ଅଭାବନୀୟ ଘଟଣା, ଏଠାରେ ବସ୍ତା ବସ୍ତା ଆଳୁ ପଚି ଯାଇଥିଲେ ମଧ କୃଷି ଠିକ୍ ବିହନ ନ ପାଇବା ଦୁଃଖ ଓ ଅନୁତାପର ବିଷୟ, କାରଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ନିଜ ନିର୍ବାଚନମଣ୍ଡଳୀ ର ଦୃଶ୍ୟ । ଏଠାରେ ଥିବା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ଙ୍କୁ ପଚାରିବାରୁ କଥା ଏପଟ ସେପଟ କଥା କହି




ବୁଝାଇବାକୁ ଚେଷ୍ଟା କରିଥିଲେ, ଯାହାକି ତାଙ୍କ କଥାର କିଛି ତାଳମେଳ ରହୁ ନ ଥିଲା । ଏହି ସମୟରେ ବିଜେପିର ବରିଷ୍ଠ ନେତା ତଥା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ମହେଶ୍ୱର ସାହୁ ମଧ ଉପସ୍ଥିତ ଥିଲେ, ତାଙ୍କୁ ପଚାରିବାରୁ କହିଲେ ଏହାର ତୁରନ୍ତ ପଦକ୍ଷେପ ନିଆଯିବ, ଏହା ଯେ ଏପରି କରିଛନ୍ତି ତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ତାଙ୍କ କହିବା କଥା ଏହି ବିହନକୁ ଠିକ୍ ସ୍ଥାନ ଓ ଠିକ୍ ପରିବେଶରେ ନ ରଖିବାରୁ ଏପରି ଅବସ୍ଥା ହୋଇଛି । ପରିଶେଷରେ ଉପନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ କହିଲେ ପଚା ଆଳୁ ବାହାର କରି ଭଲ ଆଳୁ ଚାଷୀ ମାନଙ୍କୁ ଦିଆଯିବ ।

## ଶିମିଳିପାଳ ପାଦଦେଶରୁ କଲରାପତରିଆ ବାଘ ଚମଡ଼ା ଜବତ ଘଟଣା

# ଗିରଫ ୩ଜଣ ଅଭିଯୁକ୍ତ କୋର୍ଟ ଚାଲାଣ

ବାଙ୍ଗିରିପୋଷି : ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ବାଙ୍ଗିରିପୋଷି ବନ ବିଭାଗ ଦ୍ୱାରା କଲରାପତରିଆ ବାଘ ଚମଡା ଜବତ ଘଟଣାରେ ଗିରଫ ୩ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ରଜାବସା ଗ୍ରାମର କାଙ୍ଗୋଇ ମାର୍ଣ୍ଡି(୫୦), କୁଶନାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝୀ(୩୯) ଓ ସୁନାପୋଷି ଗ୍ରାମର ପାହାଡ଼ ସିଂ(୩୦) । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଟିମର ଗୁଇନ୍ଦା ଟିମକୁ ଶିକାର କଲରାପତରିଆ ବାଘ ଚମଡା ବିକ୍ରି ନେଇ ମୂଳଚାଲ ବାବଦରେ ସୂଚନା ମିଳିଥିଲା । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ଚଢ଼ାଉ ରୂପରେଖ ସ୍ଥିର କରିଥିଲେ । ଶିମିଳିପାଳ ଓ ବାରିପଦା




ବନଖଣ୍ଡର ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ଟିମ ସୋମବାର ବାଙ୍ଗିରିପୋଷି ରେଞ୍ଜ ଅନ୍ତର୍ଗତ ବାଲିଖଣି ଗ୍ରାମରେ ଚଢ଼ାଉ କରି କଲରାପତରିଆ ବାଘ ଚମଡ଼ା ଜବତ କରିଛନ୍ତି । ଦୁଇଟି ବାଇକରେ ୪ଜଣ ବାଘଛାଲ ନେଇ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଅତର୍କିତ ଭାବେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେଠାରୁ ଗୋଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ । ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ୩ଜଣଙ୍କୁ ପଚରା ଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଉକ୍ତ ବାଘ ଚମଡା ୧୮୦୦ସେମି ଲମ୍ବ ଓ ୫୦ସେମି ଓସାର ଓ ୬୫ସେମି ଲମ୍ବର ଅଟେ । ତେବେ ଏହି ବାଘକୁ କେଉଁଠି ଶିକାର କରାଯାଇଛି ଏବଂ ଏଥିରେ ଅନ୍ୟ କେଉଁ ମାନଙ୍କର ସମ୍ପୃକ୍ତି ରହିଛନ୍ତି, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଉକ୍ତ ଘଟଣାରେ ଅନେକ ଲୋକେ ସମ୍ପୃକ୍ତ ଥିବା ବେଳେ ସେନେଇ ତଥ୍ୟ ସଂଗ୍ରହ କରାଯାଉଛି । ସେମାନଙ୍କୁ ମଧ ଗିରଫ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଲ୍ୟାବ ରିପୋର୍ଟ ଆସିବା ପରେ ଶିକାର ହୋଇଥିବା କଲରାପତରିଆ ବାଘର ଅଧିକ ତଥ୍ୟ ମିଳିପାରିବ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray